# NATIONAL NEWS BULLETIN (ODIA)
## 11 June - 2025
## Evening Bulletin : 7.15 p.m.

************************************

## ମୁଖ୍ୟ ସମ୍ବାଦ

- ଜନକଲ୍ୟାଣ କେନ୍ଦ୍ରୀତ ବିକାଶ ପ୍ରତି ସରକାର ପ୍ରତିବଦ୍ଧ, କହିଲେ ପ୍ରଧାନମନ୍ତ୍ରୀ ।
- କେନ୍ଦ୍ର କ୍ୟାବିନେଟ୍‌ରେ ୬ ହଜାର ୪୦୫ କୋଟି ଟଙ୍କାର ଦୁଇଟି ରେଳ ପ୍ରକଳ୍ପ ଅନୁମୋଦିତ ।
- ଭାରତ-ୟୁରୋପୀୟ ସଂଘ ମଧ୍ୟରେ ସମ୍ପର୍କ ସୁଦୃଢ଼ କରିବା ନେଇ ୟୁରୋପୀୟ ନେତୃବୃନ୍ଦଙ୍କ ସହ ଆଲୋଚନା କଲେ ବୈଦେଶିକ ମନ୍ତ୍ରୀ ।
- ପେନ୍‌ସନ୍ ଭୋଗୀଙ୍କ ଅଭିଯୋଗ ସମାଧାନ ପାଇଁ ଆସନ୍ତା ଜୁଲାଇ ମାସରୁ ଆରମ୍ଭ ହେବ 'ଟୁ ପଏଣ୍ଟ ଜିରୋ' ଅଭିଯାନ ।

ଏବଂ

- ଶ୍ରୀକ୍ଷେତ୍ର ପୁରୀରେ ଆଜି ଶ୍ରଦ୍ଧାଳୁମାନଙ୍କୁ ଗଜାନନ ବେଶରେ ଦର୍ଶନ ଦେଲେ ଚତୁର୍ଦ୍ଧା ମୂର୍ତ୍ତି ।

## ପିଏମ୍-ସୋସିଆଲ୍ ସିକ୍ୟୁରିଟି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ' ସର୍ବାଧିକ ସଂଖ୍ୟକ ନାଗରିକଙ୍କ ନିକଟରେ ପହଞ୍ଚିବା ଲାଗି ବିଭିନ୍ନ ଜନଉପଯୋଗୀ ଯୋଜନା ସୁନିଶ୍ଚିତ କରିବା ଏବଂ ଜନକଲ୍ୟାଣ କେନ୍ଦ୍ରିତ ବିକାଶ ପ୍ରତି ସରକାର ପ୍ରତିବଦ୍ଧ ବୋଲି କହିଛନ୍ତି । ଆନ୍ତର୍ଜାତିକ ଶ୍ରମ ସଂଗଠନର ସଦ୍ୟତମ ରିପୋର୍ଟ ଅନୁଯାୟୀ ଭାରତର ସାମାଜିକ ସୁରକ୍ଷା ପରିସର ୨୦୧୫ ମସିହାରେ ୧୯ ପ୍ରତିଶତ ଥିବା ବେଳେ ଏହା ୨୦୨୫ ମସିହାରେ ୬୪ ଦଶମିକ୍ ୩ ପ୍ରତିଶତକୁ ବୃଦ୍ଧି ପାଇଛି । ଶ୍ରମ ଏବଂ ନିୟୋଜନ ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବ୍ୟଙ୍କ ପୋଷ୍ଟର ପ୍ରତିକ୍ରିୟା ପ୍ରକାଶ କରି ଶ୍ରୀ ମୋଦୀ କେନ୍ଦ୍ର ସରକାରଙ୍କ ବିଭିନ୍ନ ସଫଳ ପଦକ୍ଷେପ ଏବଂ ଲୋକଙ୍କ ଦ୍ୱାରା ଏହାର ଆଦୃତକୁ ଭୂୟସୀ ପ୍ରଶଂସା କରିଛନ୍ତି ।

## ଅଶ୍ୱିନୀ ବୈଷ୍ଣବ

କେନ୍ଦ୍ର ମନ୍ତ୍ରିମଣ୍ଡଳରେ ଆଜି ରେଳବାଇ ମନ୍ତ୍ରଣାଳୟ ପକ୍ଷରୁ ୬ ହଜାର ୪୦୫ କୋଟି ଟଙ୍କା ମୂଲ୍ୟର ଦୁଇଟି ପ୍ରକଳ୍ପ ଅନୁମୋଦିତ ହୋଇଛି । ଏହି ପ୍ରକଳ୍ପ ମଧ୍ୟରେ ତିନି ହଜାର ୬୩ କୋଟି ଟଙ୍କା ମୂଲ୍ୟର କୋଡୋର୍ମା-ବାର୍କାକାନା ରେଳ ଲାଇନ୍ ଦୋହରିକରଣ ଏବଂ ତିନି ହଜାର ୩୪୨ କୋଟି ଟଙ୍କା ମୂଲ୍ୟର ବାଲାରି-ଚିକ୍‌ଜାଜୁର୍ ରେଳ ଲାଇନ୍

ଦୋହରିକରଣ । ନୂଆଦିଲ୍ଲୀ ଠାରେ ଗଣମାଧ୍ୟମକୁ ସୂଚନା ଦେଇ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ୧୩୩ କିଲୋମିଟର ଦୀର୍ଘତା ବିଶିଷ୍ଟ କୋଡୋର୍‌ମା-ବାର୍କାକାନା ଦୋହରିକରଣ ପ୍ରକଳ୍ପ' ୯୩୮ଟି ଗ୍ରାମର ୧୫ ଲକ୍ଷ ଲୋକଙ୍କୁ ରେଳ ସେବା ପ୍ରଦାନ କରିବ ଏବଂ ଗ୍ରାମଗୁଡ଼ିକ ମଧ୍ୟରେ ସଂଯୋଗ ସ୍ଥାପନ କରିବ । ଝାଡ଼ଖଣ୍ଡ-କୋଡୋର୍‌ମା, ଛତ୍ରା, ହରାଜିବାଗ୍ ଏବଂ ରାମଗଡ଼ ଆଦି ଜିଲ୍ଲା ଗୁଡ଼ିକ ମଧ୍ୟରେ ଏହି ପ୍ରକଳ୍ପ ଯୋଗାଯୋଗ ସ୍ଥାପନ କରିବ । ଶ୍ରୀ ବୈଷ୍ଣବ ସୂଚନା ଦେଇ କହିଛନ୍ତି, ଏହି ପ୍ରକଳ୍ପ ଦ୍ୱାରା ନିର୍ମିତ ରେଳ ଲାଇନ୍' ଝାଡ଼ଖଣ୍ଡର ବୃହତ୍ କୋଇଲା ଉତ୍ପାଦନ ଅଞ୍ଚଳ ଦେଇ ଗତି କରିବ ।

ସେ କହିଛନ୍ତି, ୧୮୫ କିଲୋମିଟର ଦୀର୍ଘତା ବିଶିଷ୍ଟ ବାଲାରି-ଚିକ୍‌ଜାଜୁର୍ ରେଳ ଲାଇନ୍ ଦୋହରିକରଣ ପ୍ରକଳ୍ପ ମାଙ୍ଗାଲୋର୍ ବନ୍ଦରରୁ ସିକନ୍ଦାରାବାଦ୍‌କୁ ସଂଯୋଗ କରିବ । ଏହି ପ୍ରକଳ୍ପ ମାଧ୍ୟମରେ ଲୁହାପଥର, କୋଇଲା, ଇସ୍ପାତ୍ ଏବଂ ସାର ବିଭିନ୍ନ ସ୍ଥାନକୁ ପରିବହନ ହୋଇପାରିବ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

**V/O-VAISHNAV---BALLARY-CHIKJAJUR**

ଏହିସବୁ ପ୍ରକଳ୍ପ ଆଗାମୀ ତିନି ବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି । ଏହି ଦୁଇଟି ପ୍ରକଳ୍ପ ଝାଡ଼ଖଣ୍ଡ, କର୍ଣ୍ଣାଟକ ଏବଂ ଆନ୍ଧ୍ରପ୍ରଦେଶର ୭ଟି ଜିଲ୍ଲା ମଧ୍ୟ ଦେଇ କାର୍ଯ୍ୟକାରୀ ହେବ । ଏହି

ଦୁଇଟି ପ୍ରକଳ୍ପ କାର୍ଯ୍ୟକାରୀ ହେବା ଦ୍ୱାରା ଭାରତୀୟ ରେଳବାଇ ନେଟ୍‌ୱାର୍କ ୩୧୮ କିଲୋମିଟରକୁ ବୃଦ୍ଧି ପାଇବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି ।

ସେହିପରି ୧ହଜାର ୪୦୦ ଗ୍ରାମ ମଧ୍ୟରେ ଦୁଇ ପ୍ରକଳ୍ପ ସଂଯୋଗ ସ୍ଥାପନ କରିବ । ଫଳରେ ୨୮ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଏହାଦ୍ୱାରା ଉପକୃତ ହୋଇପାରିବେ । ପ୍ରକଳ୍ପ ଦ୍ୱାରା ନିର୍ମାଣ କାର୍ଯ୍ୟ ବେଳେ ୧୦୮ ଲକ୍ଷ ଲୋକଙ୍କୁ ପ୍ରତ୍ୟକ୍ଷ କର୍ମନିଯୁକ୍ତି ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି । ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାରଙ୍କ ତୃତୀୟ ପାଳି ଅବଧି ମଧ୍ୟରେ ଚାରି ଲକ୍ଷ ୫୮ ହଜାର କୋଟି ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ବିଭିନ୍ନ ରେଳ ପ୍ରକଳ୍ପ ସାଧିତ ହୋଇଛି । ଫଳରେ ପରିବହନ ଏବଂ ଲଜିଷ୍ଟିକ୍ ଖର୍ଚ୍ଚ ହ୍ରାସ କରାଯାଇପାରିଛି ।

## ତତ୍‌କାଳ ଟିକେଟ୍

ରେଳ ମନ୍ତ୍ରଣାଳୟ ପକ୍ଷରୁ ତତ୍କାଳ ଟିକେଟ୍ ବୁକିଂ ପାଇଁ ନୂଆ ନିୟମ ଧାର୍ଯ୍ୟ କରାଯାଇଛି । ଆଇ.ଆର୍.ସି.ଟି.ସି. ୱେବ୍‌ସାଇଟ୍ ମାଧ୍ୟମରେ ଅନ୍‌ଲାଇନ୍ ତତ୍କାଳ ଟିକେଟ୍ ବୁକିଂ କରୁଥିବା ଉପଭୋକ୍ତାଙ୍କ ପାଇଁ ନିଜ ଆକାଉଣ୍ଟ ନମ୍ବରକୁ ଆଧାର ସହ ଯୋଡ଼ିବା ବାଧ୍ୟତାମୂଳକ କରାଯାଇଛି । ତତ୍କାଳ ଟିକେଟ୍ ବୁକିଂ କ୍ଷେତ୍ରରେ ସ୍ୱଚ୍ଛତା ରକ୍ଷା ଏବଂ ଯାତ୍ରୀମାନଙ୍କ ସ୍ୱାର୍ଥ

ରକ୍ଷା ପାଇଁ ଏହି ନୂଆ ନିୟମ ଧାର୍ଯ୍ୟ କରାଯାଇଛି । ଏହା ଆସନ୍ତା ମାସ ପହିଲାରୁ କାର୍ଯ୍ୟକାରୀ ହେବ । ନୂଆ ନିୟମରେ ଆଧାର ଭିତ୍ତିକ ଓ.ଟି.ପି. ପ୍ରମାଣିକରଣକୁ ବାଧ୍ୟତାମୂଳକ କରାଯାଇଛି । ଏହି ନିୟମ ଜୁଲାଇ ମାସ ୧୫ ତାରିଖରୁ କାର୍ଯ୍ୟକାରୀ କରାଯିବ । ଏଜେଣ୍ଟ ଦ୍ୱାରା ତତ୍କାଳ ଟିକେଟ୍ ବୁକିଂ କରାଗଲେ ଓ.ଟି.ପି. ପ୍ରମାଣିକରଣକୁ ବାଧ୍ୟତାମୂଳକ କରାଯାଇଛି ।

## ଜୟଶଙ୍କର ବ୍ରୁସେଲସ୍

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ୟୁରୋପୀୟ ସଂସଦର ଅଧ୍ୟକ୍ଷ ରବର୍ଟ୍ ମେଟ୍‌ସୋଲାଙ୍କ ସହ ବ୍ରୁସେଲ୍ସ ଠାରେ ଗଣତାନ୍ତ୍ରିକ ମୂଲ୍ୟବୋଧ ଏବଂ ବହୁବାଦ ଉପରେ ପ୍ରତିଷ୍ଠିତ ଭାରତ-ୟୁରୋପୀୟ ସଂଘ ସମ୍ପର୍କ ସୁଦୃଢ଼ କରିବା ଲାଗି ଆଲୋଚନା କରିଛନ୍ତି । ବୈଠକ ପରେ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଡକ୍ଟର ଜୟଶଙ୍କର କହିଛନ୍ତି, ସେ ବାଣିଜ୍ୟ, ପ୍ରଯୁକ୍ତିବିଦ୍ୟା ଏବଂ ସୁରକ୍ଷା ଉପରେ ଭାରତ-ୟୁରୋପୀୟ ସଂଘ ଭାଗିଦାରୀ ସମ୍ପର୍କକୁ ତ୍ୱରାନ୍ୱିତ କରିବା ନେଇ ସକାରାତ୍ମକ ମନୋଭାବ ଉପରେ ଗୁରୁତ୍ୱାରୋପ କରିଥିଲେ । ବିଭିନ୍ନ କ୍ଷେତ୍ରରେ ଦୀର୍ଘ ବର୍ଷ ଧରି ଭାରତ ଏବଂ ୟୁରୋପୀୟ ସଂଘ ମଧ୍ୟରେ ରଣନୈତିକ ଭାଗିଦାରୀ ସମ୍ପର୍କ ସୁଦୃଢ଼ ହୋଇପାରିଛି ।

ଚଳିତ ବର୍ଷ ଫେବୃୟାରୀରେ ୟୁରୋପୀୟ ସଂଘ କମିଶନର୍‌ଙ୍କ ଭାରତ ଗସ୍ତ ସମୟରେ ଦ୍ୱିପକ୍ଷିୟ ମଧ୍ୟରେ ପ୍ରଥମ ସମ୍ପର୍କ ସ୍ଥାପିତ ହୋଇଥିଲା । ଶ୍ରୀ

ଜୟଶଙ୍କର ବାଣିଜ୍ୟ ଏବଂ ଅର୍ଥନୈତିକ ନିରାପତ୍ତାର ୟୁରୋପୀୟ କମିଶନର୍ ମାରୁସ୍ ସେଫ୍‌କୋଭିଙ୍କ ସହ ମଧ୍ୟ ସାକ୍ଷାତ ଆଲୋଚନା କରିଛନ୍ତି । ଭାରତ ଏବଂ ୟୁରୋପୀୟ ସଂଘ ମଧ୍ୟରେ ବ୍ୟାପକ ସମତୁଲ ଏବଂ ଅର୍ଥପୂର୍ଣ୍ଣ ମୁକ୍ତ ବାଣିଜ୍ୟ ବୁଝାମଣା ନେଇ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଛି । ଦ୍ୱିପକ୍ଷିୟ ମଧ୍ୟରେ ରଣନୈତିକ ଭାଗିଦାରୀ ସମ୍ପର୍କ ଆହ୍ୱାନ ସୃଷ୍ଟି କରିବା ସହ ନୂତନ ଦିଗକୁ ଅଗ୍ରସର ହେବ ବୋଲି ଉଭୟ ସହମତି ପ୍ରକାଶ କରିଛନ୍ତି ।

## ଫରେନ୍ ସେକ୍ରେଟେରୀ ୟୁଏଇ ଭିଜିଟ୍

ବୈଦେଶିକ ସଚିବ ବିକ୍ରମ ମିଶ୍ରି' ଭାରତ ଏବଂ ଆରବ ଏମିରେଟ୍ସ ମଧ୍ୟରେ ବ୍ୟାପକ ରଣନୈତିକ ଭାଗିଦାରୀ ସମ୍ପର୍କର ସମୀକ୍ଷା କରିଛନ୍ତି । ସେ ଆବୁଧାବି ଠାରେ ଗତକାଲି ଆରବ ଏମିରେଟ୍ସର ଆନ୍ତର୍ଜାତିକ ସହଯୋଗ ରାଷ୍ଟ୍ର ମନ୍ତ୍ରୀ ରିମ୍ ଅଲ୍ ହାସିମ୍‌ଙ୍କ ସହ ସାକ୍ଷାତ ଆଲୋଚନା କରିଥିଲେ । ବାଣିଜ୍ୟ, ପୁଞ୍ଜିନିବେଶ, ଶକ୍ତି, ସାଂସ୍କୃତିକ, ପ୍ରତିରକ୍ଷା, ପ୍ରଯୁକ୍ତିବିଦ୍ୟା ଆଦି ବିଭିନ୍ନ କ୍ଷେତ୍ରରେ ବହୁମୁଖୀ ଦ୍ୱିପାକ୍ଷିକ ସମ୍ପର୍କକୁ ବ୍ୟାପକ କରିବା ନେଇ ଉଭୟ ଦେଶ ମଧ୍ୟରେ ଆଲୋଚନା ହୋଇଛି । ଦ୍ୱିପକ୍ଷିୟ ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ଗୁଡ଼ିକୁ ଆନ୍ତର୍ଜାତିକ ସ୍ତରରେ ବ୍ୟାପକ କରିବା ନେଇ ଉଭୟ ସହମତି ପ୍ରକାଶ କରିଛନ୍ତି । ବୈଦେଶିକ ସଚିବ ଶ୍ରୀ

ମିଶ୍ରି ଆରବ ଏମିରେଟ୍ସ ନେତୃବୃନ୍ଦଙ୍କ ପହଲଗାମ୍‌ରେ ସନ୍ତ୍ରାସବାଦୀ ଆକ୍ରମଣ ସମ୍ପର୍କରେ ଆଭିମୁଖ୍ୟକୁ ଭୂୟସୀ ପ୍ରଶଂସା କରିଛନ୍ତି ।

ସେହିପରି ଶ୍ରୀ ମିଶ୍ରି ଆରବ ଏମିରେଟ୍ସର ଅନ୍ୟ ଜଣେ ମନ୍ତ୍ରୀ ଶେଖ୍ ନାହ୍ୟାନ୍ ନାହ୍ୟାନ୍ ବିନ୍ ମୁବାରକ ଅଲ୍ ନାହ୍ୟାନ୍‌ଙ୍କ ସହ ସାକ୍ଷାତ ଆଲୋଚନା କରି ୪ ଦଶମିକ୍ ୩ ନିୟୁତ ଭାରତୀୟଙ୍କୁ ସେବା ଯୋଗାଇ ଦେଉଥିବାରୁ ଧନ୍ୟବାଦ ଅର୍ପଣ କରିଛନ୍ତି ।

# ଜିତେନ୍ଦ୍ର ସିଂହ

କେନ୍ଦ୍ର ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ’ ପରିବାର ପେନ୍‌ସନ୍ ଭୋଗୀ ଏବଂ ଅତି ବରିଷ୍ଠ ପେନ୍‌ସନ୍ ଭୋଗୀଙ୍କ ଅଭିଯୋଗ ସମାଧାନ ପାଇଁ ଆସନ୍ତା ଜୁଲାଇ ମାସରୁ ଏକ ମାସ ବ୍ୟାପି ଏକ ସ୍ୱତନ୍ତ୍ର ଅଭିଯାନ ‘ଟୁ ପଏଣ୍ଟ ଜିରୋ’ ଆରମ୍ଭ କରିବେ ।  ୨ହଜାର ୨୧୦ ଜଣ ପେନ୍‌ସନ୍ ଭୋଗୀ ଏହି ଅଭିଯାନ ମାଧ୍ୟମରେ ଉପକୃତ ହୋଇପାରିବେ ବୋଲି ସେ କହିଛନ୍ତି ।  କାର୍ମିକ, ସାଧାରଣ ଅଭିଯୋଗ ଏବଂ ପେନ୍‌ସନ୍ ମନ୍ତ୍ରଣାଳୟ ପକ୍ଷରୁ ବିଭାଗୀୟ ସଚିବଙ୍କ ଅଧ୍ୟକ୍ଷତାରେ ନୋଡାଲ୍ ଅଫିସର୍‌ମାନଙ୍କ ବୈଠକ ଅନୁଷ୍ଠିତ ହୋଇ ପେନ୍‌ସନ୍ ଭୋଗୀଙ୍କ ଅଭିଯୋଗ ସମ୍ପର୍କରେ ଆଲୋଚନା କରାଯାଇଥିଲା ।

ବୈଠକରେ ପେନ୍‌ସନ୍ ଭୋଗୀମାନଙ୍କ ଅଭିଯୋଗର ସରଳ ଏବଂ ତୁରନ୍ତ ସମାଧାନ ପାଇଁ ସ୍ୱତନ୍ତ୍ର ଅଭିଯାନ 'ଟୁ ପଏଣ୍ଟ ଜିରୋ' ନିମନ୍ତେ ମାର୍ଗଦର୍ଶିକା ଜାରି କରାଯାଇଥିଲା ।

## ରୁଷ-ୟୁକ୍ରେନ୍

ରୁଷ ରାଷ୍ଟ୍ରପତିଙ୍କ ସହାୟକ ଭ୍ଲାଦିମିର୍ ମେଡିନେସ୍କି କହିଛନ୍ତି, ମସ୍କୋ ଶାନ୍ତି ଚାହୁଁଥିବା ବେଳେ ୟୁକ୍ରେନ୍ ପଶ୍ଚିମ ଦେଶ ଗୁଡ଼ିକ ତରଫରୁ ଚଲାଇଥିବା ଛାୟା ଯୁଦ୍ଧକୁ ବନ୍ଦ କରିବା ଆବଶ୍ୟକ । ପଶ୍ଚିମ ଦେଶଗୁଡ଼ିକର ଉପଦେଶକୁ ବାଦ୍ ଦେଇ ୟୁକ୍ରେନ୍ ନିଜର ଜାତୀୟ ସ୍ୱାର୍ଥକୁ ଅଗ୍ରାଧିକାର ଦେଲେ ଉଭୟ ପକ୍ଷକୁ ସୁହାଇଲା ପରି ଏକ ବୁଝାମଣା ହୋଇପାରିବ ବୋଲି ମେଡିନେସ୍କି କହିଛନ୍ତି । ପଶ୍ଚିମ ଦେଶ ଗୁଡ଼ିକର ସ୍ୱାର୍ଥ ପାଇଁ କାର୍ଯ୍ୟ କଲେ ଏହାର ପରିଣାମ ୟୁକ୍ରେନ୍ ଭୋଗିବ ବୋଲି ସେ କହିଛନ୍ତି । ଇତିମଧ୍ୟରେ ଆମେରିକା ପ୍ରତିରକ୍ଷା ସଚିବ ପେଟେ ହେଗ୍‌ସେଥ୍ ଘୋଷଣା କରିଛନ୍ତି, ଆସନ୍ତା ବର୍ଷ ଠାରୁ ଟ୍ରମ୍ପ୍ ପ୍ରଶାସନ ୟୁକ୍ରେନ୍ ପାଇଁ ସାମରିକ ବଜେଟ୍ ହ୍ରାସ କରିବ । ଉଭୟ ପକ୍ଷ ମଧ୍ୟରେ କଥାବାର୍ତ୍ତା ମାଧ୍ୟମରେ ଯୁଦ୍ଧର ଶାନ୍ତିପୂର୍ଣ୍ଣ ସମାଧାନ କରିବାକୁ ଆମେରିକା ବିଶ୍ୱାସ କରେ ବୋଲି ସେ କହିଛନ୍ତି ।

ରିପୋର୍ଟ୍ ଅନୁସାରେ ଆମେରିକା ୨୦୨୨ ଯୁଦ୍ଧ ଆରମ୍ଭ ପରଠାରୁ ୟୁକ୍ରେନ୍‌କୁ ୬୬ ବିଲିୟନ୍ ଡଲାର୍ ସହାୟତା ପ୍ରଦାନ କରିଛି ।

## ଦେବସ୍ନାନ ପୂର୍ଣ୍ଣିମା

ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ତିଥିରେ **ପୁରୀ**ରେ ଶ୍ରୀଜୀଉମାନେ ସ୍ନାନବେଦୀରେ ଶ୍ରଦ୍ଧାଳୁମାନଙ୍କୁ ଗଜାନନ ବା ହାତୀ ବେଶରେ ଦର୍ଶନ ଦେଉଛନ୍ତି । ଶ୍ରୀମନ୍ଦିରରେ ଆସନ୍ତାକାଲିଠାରୁ ଅନବସର ନୀତି ଆରମ୍ଭ ହେବା ସହ ପଟ୍ଟିଦିଅଁ ପୂଜା ପାଇବେ । ଏହି ଅବସରରେ ଆସନ୍ତାକାଲିଠାରୁ ବ୍ରହ୍ମଗିରିରେ ପ୍ରଭୁ ଅଲାରନାଥଙ୍କ ଦର୍ଶନ ଆରମ୍ଭ ହେବ । ଆଜି ଭୋର୍ ସାଢ଼େ ୫ଟାରେ ମଙ୍ଗଳାର୍ପଣ ନୀତି ସମ୍ପନ୍ନ ହେବା ପରେ ଶ୍ରୀଜୀଉମାନେ ରତ୍ନବେଦୀ ଛାଡି ଧାଡି ପହଣ୍ଡିରେ ସ୍ନାନବେଦୀକୁ ବିଜେ କରିଥିଲେ । ସେଠାରେ ସୁନାକୂଅର ୧୦୮ ଗରା ସୁବାସିତ ଜଳରେ ଶ୍ରୀଜୀଉମାନଙ୍କୁ ସ୍ନାନ କରାଯାଇଥିଲା । ଏହାପରେ ଅପରାହ୍ଣରେ ଗଜପତି ମହାରାଜା ଛେରାପହରା ନୀତି ସମ୍ପନ୍ନ କରିଥିଲେ । ଆଜି ବିଳମ୍ବିତ ରାତିରେ ମହାପ୍ରଭୁମାନଙ୍କୁ ଗୋଟି ପହଣ୍ଡିରେ ବାହୁଡା ବିଜେ କରାଯିବ । ମହାପ୍ରଭୁଙ୍କ ପହଣ୍ଡି, ଜଳଲାଗି ଓ ହାତୀବେଶ ଆଦି ନୀତିକୁ ଶୃଙ୍ଖଳିତ କରିବା ଲାଗି ସେବାୟତ ଓ ପ୍ରଶାସନ ପକ୍ଷରୁ ସମସ୍ତ ବନ୍ଦୋବସ୍ତ କରାଯାଇଛି ।